# NATIONAL NEWS BULLETIN (ODIA)

## 27 June - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସଂସଦର ମିଳିତ ଅଧିବେଶନକୁ ଆଜି ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ସ୍ୱାସ୍ଥ୍ୟଗତ କାରଣରୁ ବିଜେପିର ବୟୋଜ୍ୟେଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ ଦିଲ୍ଲୀ ଏମସ୍‌ରେ ଭର୍ତ୍ତି, ସ୍ୱାସ୍ଥ୍ୟାବସ୍ଥା ସ୍ଥିର ।
- ମହାକାଶରେ ଅଟକିଛନ୍ତି ନାସାର ମହାକାଶଯାତ୍ରୀ ସୁନିତା ୱିଲିୟମ୍ସ, ତ୍ରୁଟି ସୁଧାରିବା ନେଇ ଚାଲିଛି ଉଦ୍ୟମ ।
- ଜୁଲାଇ ପହିଲାରୁ ଦେଶରେ କାର୍ଯ୍ୟକାରି ହେବ ତିନୋଟି ନୂଆ ଅପରାଧିକ ଆଇନ୍ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ୍‌ରେ ଆଫ୍‌ଗାନିସ୍ତାନକୁ ୯ ୱିକେଟ୍‌ରେ ପରାସ୍ତ କଲା ଦକ୍ଷିଣ ଆଫ୍ରିକା ।

– ଆଜି ରାତିରେ ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ।

## ପ୍ରେସିଡେଣ୍ଟ ଆଡ୍ରେସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଉଭୟ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯିବ । ଏହି ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ସଦସ୍ୟମାନେ ଭାଗ ନେବେ । ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଗତ ସୋମବାର ଦିନ ଆରମ୍ଭ ହୋଇଥିବା ବେଳେ ରାଜ୍ୟସଭାର ଅଧିବେଶନ ଆଜିଠାରୁ ଆରମ୍ଭ ହେବ ।

## ଆଡଭାନୀ–ହସ୍ପିଟାଲ୍

ସ୍ୱାସ୍ଥ୍ୟଗତ କାରଣରୁ ବିଜେପିର ବୟୋଜ୍ୟେଷ୍ଠ ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଦିଲ୍ଲୀର ଅଖୀଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମସ୍‌ରେ ଭର୍ତ୍ତି କରାଯାଇଛି । ବୟସାଧିକ କାରଣରୁ ଦେଖାଦେଇଥିବା ସ୍ୱାସ୍ଥ୍ୟ ସମସ୍ୟା ଗୁଡ଼ିକୁ ଶ୍ରୀ ଆଡ଼ଭାନୀଙ୍କୁ ଏମସ୍‌ରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ୯୬ ବର୍ଷୀୟ ଆଡ଼ଭାନୀଙ୍କ ସ୍ୱାସ୍ଥ୍ୟ ଉପରେ ଏମସ୍‌ର ଏକ

ସ୍ୱତନ୍ତ୍ର ଡାକ୍ତରୀ ଦଳ ନୀରିକ୍ଷଣ କରୁଛନ୍ତି । ଏମସ୍‌ର ଜଣେ ଅଧିକାରୀ କହିଛନ୍ତି, ଶ୍ରୀ ଆଡଭାନୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ।

## ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାଶୀ ବିଶ୍ୱନାଥ ମନ୍ଦିରର ପୂର୍ବତନ ମହନ୍ତ ଡକ୍ଟର କୂଳପତି ତିଓ୍ୱାରୀଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି । ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଡକ୍ଟର କୂଳପତି ଦୀର୍ଘ ସମୟ ଧରି ଅତ୍ୟନ୍ତ ଶ୍ରଦ୍ଧାର ସହ ବାବା ବିଶ୍ୱନାଥଙ୍କ ସେବା କରିଥିଲେ ଏବଂ ତାଙ୍କ ଶ୍ରୀଚରଣ ତଳେ ପରଲୋକ ଗମନ କରିଛନ୍ତି ।

## ଡିଆର୍‌ଡିଓ-ରିସର୍ଚ୍ଚ

ପ୍ରତିରକ୍ଷା ଅନୁସନ୍ଧାନ ବିକାଶ ସଂଗଠନ ଡି.ଆର୍.ଡି.ଓ. ଦିଲ୍ଲୀରେ ଆୟୋଜିତ ଏକ ସମାରୋହରେ ମଧ୍ୟମ ଦୂରବର୍ତ୍ତୀ ମାଇକ୍ରୋ ଓ୍ୱେଭ୍ ଅବ୍‌ସ୍କୁରାଲ୍ ଚାଫ୍ ରକେଟ୍‌କୁ ଭାରତୀୟ ନୌସେନାକୁ ଅର୍ପଣ କରିଛି । ଏହି ରକେଟ୍‌କୁ ଯୋଧପୁର ସ୍ଥିତ ପ୍ରତିରକ୍ଷା ପ୍ରୟୋଗଶାଳାରେ ନିର୍ମାଣ କରାଯାଇଛି । ଏହି ରକେଟ୍‌ର ବିଶେଷତ୍ୱ ହେଉଛି, ଏହାକୁ ରାଡାର୍ ମାଧ୍ୟମରେ ଠାବ କରିବା ସହଜ ନୁହେଁ ।

ଅନ୍ୟ ପକ୍ଷରେ ମହାକାଶକୁ ପ୍ରକ୍ଷେପଣ ସମୟରେ ଏହି ରକେଟ୍ ଏକ ସୂକ୍ଷ୍ମ ବାଦଲ ସୃଷ୍ଟି କରିଥାଏ, ଯାହାଫଳରେ ସହଜରେ ଦେଖାଯାଏ ନାହିଁ ।

## ନାସା-ସୁନିତା

ନାସାର ମହାକାଶଯାତ୍ରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ବିଲ୍‌ମୋର୍ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର – ଆଇ.ଏସ୍.ଏସ୍.ରେ ଅଟକି ଯାଇଛନ୍ତି । ଇଞ୍ଜିନିୟର୍‌ମାନେ ବୋଇଙ୍ଗ୍ ଷ୍ଟାର୍ ଲାଇନର୍ ମହାକାଶ ଯାନରେ ଦେଖାଦେଇଥିବା ତ୍ରୁଟିକୁ ସୁଧାରିବାକୁ ଉଦ୍ୟମ କରୁଛନ୍ତି । ସଂପୃକ୍ତ ମହାକାଶ ଯାନ ଉଭୟ ଯାତ୍ରୀଙ୍କୁ  ପୃଥିବୀ ପୃଷ୍ଠକୁ ଆରିବ । ମହାକାଶ ପ୍ରୟୋଗଶାଳାରେ ଉଭୟ ମହାକାଶ ଯାତ୍ରୀ ୮ ଦିନ ରହିବା ଲାଗି ସମୟ ନିର୍ଦ୍ଧାରିତ କରାଯାଇଥିଲା । ସୁନିତା ଏବଂ ବୁଚ୍ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଜୁନ୍ ୬ରେ ପହଞ୍ଚିଥିଲେ । ୨୧ ଦିନ ପରେ ନାସା ଏବଂ ବୋଇଙ୍ଗ୍‌ର ନେତୃତ୍ୱ ନେଉଥିବା ଅଧିକାରୀମାନେ ସେହି ମହାକାଶ ଯାନକୁ ପୃଥିବୀ ପୃଷ୍ଠକୁ ଆଣିବା ଲାଗି ଚେଷ୍ଟା ଚଳାଇଛନ୍ତି । ହିଲିୟମ୍ ବ୍ୟବହାର କରି ମହାକାଶକୁ ଯାତ୍ରା କରିବା ସମୟରେ ଏଥିରେ ତ୍ରୁଟି ଦେଖାଦେଇଥିଲା ।

# ଲେବର ମିନିଷ୍ଟ୍ରି

ଫକସନ୍ ଇଣ୍ଡିଆ ଆପଲ ଆଇଫୋନ୍ କାରଖାନାରେ ବିବାହିତ ମହିଳାଙ୍କୁ କାମ କରିବାକୁ ଦିଆଯାଉନଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ତାମିଲନାଡୁ ସରକାରଙ୍କ ଶ୍ରମ ବିଭାଗ ଠାରୁ ଏକ ବିସ୍ତୃତ ରିପୋର୍ଟ ମାଗିଛି । ସମାନ ପାରିଶ୍ରମିକ ଆଇନ୍ ୧୯୭୬ର ଧାରା ୫ରେ ପୁରୁଷ ଓ ମହିଳାଙ୍କୁ ନିଯୁକ୍ତି ଦେବା ସମୟରେ କୌଣସି ଭେଦଭାବ କରାଯିବ ନାହିଁ ବୋଲି ମନ୍ତ୍ରଣାଳୟ କହିଛି । ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର ଉପଯୁକ୍ତ କର୍ତ୍ତୃପକ୍ଷ ହୋଇଥିବାରୁ ଶ୍ରମ ମନ୍ତ୍ରଣାଳୟ ରାଜ୍ୟକୁ ରିପୋର୍ଟ ଦେବାକୁ କହିଛି । ଏଥିସହ ଆଞ୍ଚଳିକ ମୁଖ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟକୁ ମଧ୍ୟ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ସିବିଆଇ-କେଜରିୱାଲ

ଦିଲ୍ଲୀର ଏକ କୋର୍ଟ୍ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ତିନି ଦିନ ପାଇଁ ସି.ବି.ଆଇ. ହେପାଜତକୁ ପଠାଇଛନ୍ତି । ଅର୍ଥ ହେର୍‌ଫେର୍ ମାମଲାରେ ସି.ବି.ଆଇ. କେଜରିୱାଲଙ୍କୁ ଗିରଫ୍ କରିଥିଲା । ଏହା ପୂର୍ବରୁ ସି.ବି.ଆଇ. କେଜରିୱାଲଙ୍କୁ ଗିରଫ୍ କରି ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ୍‌ରେ ହାଜର କରାଇଥିଲା ।  ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଶ୍ରୀ

କେଜରିୱାଲ ସୁପ୍ରିମ୍‌କୋର୍ଟ୍‌ରେ ମଧ୍ୟବର୍ତ୍ତୀକାଳୀନ ଜାମିନ୍ ଉପରେ ଦିଲ୍ଲୀ ଉଚ୍ଚନ୍ୟାୟାଳୟ ଦେଇଥିବା ସ୍ଥଗିତାଦେଶ ବିରୋଧରେ କରିଥିବା ଆବେଦନକୁ ଫେରାଇ ନେଇଥିଲେ ।

## ଅମରନାଥ ଯାତ୍ରା

ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଚନ୍ଦନବାଡ଼ି ବେଶ୍ କ୍ୟାମ୍ପ୍ ପରିଦର୍ଶନ କରି ଅମରନାଥ ଯାତ୍ରାର ସମୀକ୍ଷା କରିଛନ୍ତି । ଚଳିତ ମାସ ୨୯ ତାରିଖରେ ଅମରନାଥ ଯାତ୍ରା ଆରମ୍ଭ ହେଉଛି । ପରିଦର୍ଶନ ସମୟରେ ଉପରାଜ୍ୟପାଳ ଅମରନାଥ ଯାତ୍ରା ସହ ଜଡ଼ିତ ସମସ୍ତ ଅଧିକାରୀ ଏବଂ ସେବା ପ୍ରଦାନକାରୀଙ୍କ ସହ ଯାତ୍ରା ସମୟରେ ଭୋଜନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ନିରିକ୍ଷଣ, ଯୋଗାଯୋଗ, ସ୍ୱଚ୍ଛତା, ବିଜୁଳି ଏବଂ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଶ୍ରୀ ସିହ୍ନା ଅମରନାଥ ବାର୍ଷିକ ଯାତ୍ରା ପୂର୍ବରୁ ପ୍ରଶାସନ, ମନ୍ଦିର ଟ୍ରଷ୍ଟବୋର୍ଡ୍, ପୋଲିସ୍ ଏବଂ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟକ୍ଷ ଭାବେ ସମୀକ୍ଷା କରୁଛନ୍ତି ।

## ଶ୍ରୀଲଙ୍କା-ଲୋନ୍

ଶ୍ରୀଲଙ୍କା ଦ୍ୱିପକ୍ଷିୟ ଋଣ ବ୍ୟବସ୍ଥାରେ ବିଦେଶୀ ଋଣ ପ୍ରଦାନ ପାଇଁ ବୁଝାମଣା କରିଛି । ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମା ସିଂଘେ ରାଷ୍ଟ୍ର ଉଦ୍ଦେଶ୍ୟରେ ଏକ ସମ୍ବୋଧନରେ କହିଛନ୍ତି, ଦେଶ ବିଦେଶରୁ ଆଣିଥିବା ଋଣ ପ୍ରଦାନ ନେଇ ବୁଝାମଣାରେ ସଫଳ ହୋଇଛି । ସେ କହିଛନ୍ତି, ଏହି ଋଣ ପ୍ରଦାନ ବୁଝାମଣା ୧୦ ମିଲିୟନ୍ ଡଲାର୍ ଅଟେ । ଏହାଦ୍ୱାରା ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଋଣ ପ୍ରଦାନ କ୍ଷେତ୍ରରେ ୯୨ ପ୍ରତିଶତ ପର୍ଯ୍ୟନ୍ତ ସୁବିଧା ମିଳିପାରିବ । ସେ କହିଛନ୍ତି, ୨୦୨୮ ମସିହା ସୁଦ୍ଧା ଋଣ ପ୍ରଦାନ ବ୍ୟବସ୍ଥା ସ୍ଥଗିତ ରହିବ ଏବଂ ୨୦୪୩ ମସିହା ସୁଦ୍ଧା ସମସ୍ତ ଋଣ ପ୍ରଦାନ କରିବାକୁ ହେବ । ୨୦୨୧ରେ ଆର୍ଥିକ ସଂକଟ ହେତୁ ଶ୍ରୀଲଙ୍କାକୁ ବିଦେଶରୁ ପ୍ରାୟ ୩୬ ମିଲିୟନ୍ ଡଲାରରୁ ଅଧିକ ଋଣ ନେବାକୁ ପଡ଼ିଥିଲା ।

## ସ୍ପେକ୍ଟ୍ରମ୍ ଆବଣ୍ଟନ

ଦୂରସଂଚାର ସେବା ପ୍ରଦାନକାରୀଙ୍କ ପାଇଁ ସପ୍ତମ ପର୍ଯ୍ୟାୟ ସ୍ପେକ୍ଟ୍ରମ୍ ନିଲାମ କାର୍ଯ୍ୟ ଶେଷ ହୋଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୮୦୦, ୯୦୦, ୧୮୦୦, ୨୧୦୦, ୨୩୦୦, ୨୫୦୦ ଏବଂ ୩୩୦୦

ମେଗାହର୍ଜ୍, ୨୬ ଗିଗାହର୍ଜ୍ ବ୍ୟାଣ୍ଡ୍‌ର ସମସ୍ତ ଉପଲବ୍ଧ ସ୍ପେକ୍ଟ୍ରମ୍ ନିଲାମ ପାଇଁ ଡକା ଯାଇଥିଲା । ଚଳିତ ବର୍ଷ ୯୦୦, ୧୮୦୦, ୨୧୦୦ ଏବଂ ୨୫୦୦ ମେଗାହର୍ଜ୍ ବ୍ୟାଣ୍ଡ୍‌ର ଅଧିକ ଆବଶ୍ୟକତା ପରିଲକ୍ଷିତ ହୋଇଥିଲା ।

ଯୋଗାଯୋଗା ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଚଳିତ ବର୍ଷ ସ୍ପେକ୍ଟ୍ରମ୍ ଆବଣ୍ଟନ ନିଲାମ ପ୍ରକ୍ରିୟା ସଠିକ୍ ଢଙ୍ଗରେ କରାଯାଇଛି । ସେ କହିଛନ୍ତି, ସେବା ପ୍ରଦାନ କରୁଥିବା କମ୍ପାନୀ ଗୁଡ଼ିକ ଯେଭଳି ନିରନ୍ତର ଭାବେ ସେବା ପ୍ରଦାନ କରିପାରିବେ ଏହାକୁ ଦୃଷ୍ଟିରେ ରଖି ସ୍ପେକ୍ଟ୍ରମ୍ ଆବଣ୍ଟନ କରାଯାଇଛି ।

## ଉ୍ୱିକିଲିକ୍ସ

ଉ୍ୱିକିଲିକ୍ସର ମାଲିକ ଜୁଲିୟନ୍ ଅସାଞ୍ଜେଙ୍କୁ ପ୍ରତିରକ୍ଷା ସମ୍ବନ୍ଧୀୟ ଗୁପ୍ତ କାଗଜପତ୍ର ହାସଲ କରିବା ଏବଂ ଉ୍ୱିକିଲିକ୍ସ ଜରିଆରେ ପ୍ରକାଶ କରିବା ଅଭିଯୋଗରେ ଆମେରିକାର ପ୍ରତିରକ୍ଷା ବିଭାଗ ଦୋଷୀ ସାବ୍ୟସ୍ତ କରିଛି । ପରେ ତାଙ୍କୁ ମୁକ୍ତ କରିଦିଆଯାଇଛି । ଆମେରିକାର ଏକ ନ୍ୟାୟାଳୟରେ ଏହି ମାମଲାର ଶୁଣାଣି ପରେ ସେ ଜେଲ୍‌ରେ ଥିବା ୬୨ ମାସ ସମୟକୁ ଦଣ୍ଡ ଭାବେ ବିବେଚନା କରି ତାଙ୍କୁ ମୁକ୍ତ କରାଯାଇଛି । ୨୦୧୦ ମସିହାରେ ଆମେରିକା ସରକାର ତାଙ୍କ ବିରୋଧରେ ଆରମ୍ଭ କରିଥିବା

ମାମଲା ଆଉ ଆଗକୁ ନେବାକୁ ଚାହୁଁ ନାହାନ୍ତି ବୋଲି କୋର୍ଟ୍‌ରେ ପ୍ରକାଶ କରିଥିଲେ ।

## ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ୍‌ରେ ଆଜି ଦକ୍ଷିଣ ଆଫ୍ରିକା ୯ ୱିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରିଛି । ତ୍ରିନିଦାଦର ବ୍ରିୟାନ୍ ଲାରା ଷ୍ଟାଡିୟମ୍‌ରେ ଆଫ୍‌ଗାନିସ୍ତାନ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିଥିଲା । ୧୧ ଓଭର ୫ଟି ବଲ୍‌ରେ ଆଫ୍‌ଗାନିସ୍ତାନ ସମସ୍ତ ୱିକେଟ୍ ହରାଇ ୫୬ରନ୍ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ମାତ୍ର ୮ ଓଭର ୫ଟି ବଲ୍‌ରେ ଗୋଟିଏ ୱିକେଟ୍ ହରାଇ ୬୦ରନ୍ ସ୍କୋର କରି ବିଜୟଲାଭ କରିଥିଲା ।

ଆଜି ଭାରତୀୟ ସମୟ ରାତି ୮ଟାରେ ଗୁଆନା ସ୍ଥିତ ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯିବ । ଏଥିରେ ଭାରତ ଏବଂ ଇଂଲଣ୍ଡ ମୁହାଁମୁହିଁ ହେବେ ।

ଆସନ୍ତା ଶନିବାର ଦିନ ଉଭୟ ସେମିଫାଇନାଲ୍‌ର ବିଜେତା ଦଳଙ୍କ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି । ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତାକାଲି ପର୍ଯ୍ୟନ୍ତ ଜୋରରେ ପବନ ବହିବା ସହ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ବର୍ଷା ସମ୍ଭାବନା ରହିଛି । କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, କଟକ, ବଲାଙ୍ଗୀର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଏବଂ ବରଗଡ଼ର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଯାଇଛି । ଚଳିତ ମାସରେ ଓଡ଼ିଶାରେ ୪୨ ପ୍ରତିଶତ କମ୍ ବର୍ଷା ହୋଇଥିବା ଆକଳନ କରାଯାଇଛି ।